# NATIONAL NEWS BULLETIN (ODIA)

## 24 April - 2026

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ସ୍ୱାଧୀନତା ପରଠାରୁ ସର୍ବାଧିକ ମତଦାନ ୯୨ ଦଶମିକ୍ ୭/୨ ପ୍ରତିଶତ ରେକର୍ଡ଼ ସୂଚନା ।
- ଇସ୍ରାଏଲ୍ ଓ ଲେବାନନ ମଧ୍ୟରେ ଯୁଦ୍ଧ ବିରତି ସମୟସୀମା ତିନି ସପ୍ତାହ ବୃଦ୍ଧି ।
- ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ଜାତୀୟ ପଞ୍ଚାୟତିରାଜ ଦିବସ ।

ଏବଂ

- ଆଇପିଏଲ୍‌ରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗସ୍ ବିଜୟୀ ।

– ଆଜି ଅନୁଷ୍ଠିତ ଗୁଜରାଟ ଟାଇଟନ୍ସ ଓ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍ ।

# ପୋଲ୍ ପର୍ସେଣ୍ଟେଜ୍

ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ସ୍ୱାଧୀନତା ପରଠାରୁ ସର୍ବାଧିକ ଭୋଟଦାନ ୯୨ ଦଶମିକ୍ ୭/୨ ପ୍ରତିଶତ ରେକର୍ଡ୍ ହୋଇଛି । ତାମିଲନାଡୁରେ ମଧ୍ୟ ୮୫ ଦଶମିକ୍ ୧/୪ ପ୍ରତିଶତ ଭୋଟଦାନ ରେକର୍ଡ ହୋଇଛି।

ତାମିଲନାଡୁରେ ୮୩ ଦଶମିକ୍ ୫/୭ ପ୍ରତିଶତରୁ ଅଧିକ ପୁରୁଷ, ୮୫ଦଶମିକ୍ ୭/୬ ପ୍ରତିଶତରୁ ଅଧିକ ମହିଳା ଏବଂ ୬୦ଦଶମିକ୍ ୪/୯ ପ୍ରତିଶତ ତୃତୀୟ ଲିଙ୍ଗ ସେମାନଙ୍କ ମତ ସାବ୍ୟସ୍ତ କରିଛନ୍ତି। ପଶ୍ଚିମବଙ୍ଗର ୯୦ଦଶମିକ୍ ୯/୨ ପ୍ରତିଶତ ପୁରୁଷ, ୯୨ଦଶମିକ୍ ୬/୯ ପ୍ରତିଶତ ମହିଳା ଏବଂ ୫୬ଦଶମିକ୍ ୭/୯ ପ୍ରତିଶତ ତୃତୀୟ ଲିଙ୍ଗ ମତଦାନ କରିଛନ୍ତି।

ଗୁଜରାଟର ଉମରେଥ ଉପନିର୍ବାଚନରେ ୫୯ଦଶମିକ୍ ୦/୩ ପ୍ରତିଶତ ମତଦାନ ହୋଇଥିବା ବେଳେ ମହାରାଷ୍ଟ୍ରରେ, ବାରାମତିରେ ୫୭ଦଶମିକ୍ ୪/୮ ପ୍ରତିଶତ ଏବଂ ରାହୁରୀ ଉପନିର୍ବାଚନରେ ୫୫ଦଶମିକ୍ ୩/୧ ପ୍ରତିଶତ ମତଦାନ ରେକର୍ଡ କରାଯାଇଛି।

# ଇସି-ଡବ୍ଲ୍ୟୁବି ଫ୍ରେସ୍ ଗାଇଡ୍‌ଲାଇନ୍

ନିର୍ବାଚନ କମିଶନ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ ଭୋଟ ଗ୍ରହଣ ପରବର୍ତ୍ତୀ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଭୋଟ ଗ୍ରହଣ ଶେଷ ହେବା ପରେ ସର୍ଭେଲାନ୍ସ କ୍ୟାମେରା ଏବଂ ଭିଡିଓ ତଥ୍ୟ ପରିଚାଳନା ପାଇଁ ନିର୍ବାଚନ ସଂସ୍ଥା କେତେକ ନୂଆ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିଛନ୍ତି । ଭୋଟ ଗ୍ରହଣ ଶେଷ ହେବା ପରେ ପୋଲିଂ ବୁଥ୍ କ୍ୟାମେରାରେ ବ୍ୟବହୃତ ମେମୋରି କାର୍ଡଗୁଡ଼ିକୁ ତୁରନ୍ତ ବାହାର କରାଯିବ ନାହିଁ। ସମ୍ପୃକ୍ତ ଅଧିକାରୀମାନଙ୍କୁ କେବଳ କ୍ୟାମେରାଗୁଡ଼ିକୁ ଖୋଲିବାକୁ ଅନୁମତି ଦିଆଯିବ ଏବଂ ତାହା ସେକ୍ଟର ଅଧିକାରୀଙ୍କ ତତ୍ତ୍ୱାବଧାନରେ କରାଯିବ। ସହାୟକ ରିଟର୍ଣ୍ଣିଂ ଅଧିକାରୀଙ୍କ ଉପସ୍ଥିତିରେ ମେମୋରି କାର୍ଡଗୁଡ଼ିକରୁ ନିର୍ଦ୍ଦିଷ୍ଟ ତଥ୍ୟ ସଂଗ୍ରହ କରାଯିବ । ମତଦାନ ସମୟରେ ଉତ୍ତୋଳନ ହୋଇଥିବା ସମସ୍ତ ଭିଡିଓ ଫୁଟେଜ୍ ସୁରକ୍ଷିତ ରଖିବାକୁ ନୂଆ ନିର୍ଦ୍ଦେଶାବଳୀରେ କୁହାଯାଇଛି । କ୍ୟାମେରା ଉପକରଣ ସମ୍ପୂର୍ଣ୍ଣ ଭାବରେ ଖାଲି ନହେବା ପର୍ଯ୍ୟନ୍ତ ପୋଲିଂ ଦଳର କୌଣସି ସଦସ୍ୟ କିମ୍ବା ବୁଥ୍ ସ୍ତରୀୟ ଅଧିକାରୀ ମତଦାନ କେନ୍ଦ୍ର ଛାଡ଼ି ପାରିବେ ନାହିଁ।

ଆଜି ସକାଳ ୧୦ ଟାରୁ ତିନୋଟି ପର୍ଯ୍ୟାୟରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ୱେବକାଷ୍ଟିଂର ପରୀକ୍ଷାମୂଳକ ଅଭ୍ୟାସ ଆରମ୍ଭ ହେବ। ୨୯୪ ସଦସ୍ୟ ବିଶିଷ୍ଟ ପଶ୍ଚିମବଙ୍ଗ ବିଧାନସଭା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ଗ୍ରହଣ ଆସନ୍ତା ୨୯ ତାରିଖରେ ଅନୁଷ୍ଠିତ ହେବ।

# ଟ୍ରମ୍ପ୍‌-ଇରାନ୍ ଓ୍ୱାର୍

ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ଇରାନ ବିରୋଧରେ ଯୁଦ୍ଧରେ ପରମାଣୁ ଅସ୍ତ୍ର ବ୍ୟବହାର କରିବାକୁ ମନା କରିଛନ୍ତି । ସେ କହିଛନ୍ତି, ଇସଲାମିକ ଗଣରାଜ୍ୟ ସହିତ ଶାନ୍ତି ଚୁକ୍ତି କରିବାକୁ ସେ ଆଶା କରୁଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି, କାହାକୁ ପରମାଣୁ ଅସ୍ତ୍ର ବ୍ୟବହାର କରିବାକୁ ଅନୁମତି ଦିଆଯିବା ଉଚିତ୍ ନୁହେଁ।

ତେହେରାନ ଶାନ୍ତି ପ୍ରସ୍ତାବ ଦାଖଲ ନ କରିବା ପର୍ଯ୍ୟନ୍ତ ଇରାନ ସହିତ ଯୁଦ୍ଧବିରତି ସମୟସୀମା ବୃଦ୍ଧି ଘୋଷଣା କରିବାର ଦୁଇ ଦିନ ପରେ ଶ୍ରୀ ଟ୍ରମ୍ପ ଏହି ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି, ଇରାନ୍‌ରେ ବର୍ତ୍ତମାନ କ୍ଷମତା ଦଖଲ ପାଇଁ ଆଭ୍ୟନ୍ତରୀଣ ମତଭେଦ ଚାଲିଥିବା ବେଳେ ଆମେରିକା ଶାନ୍ତି ଚୁକ୍ତି ପାଇଁ ଅପେକ୍ଷା କରିଛି ।

ଅନ୍ୟ ପକ୍ଷରେ ଇସ୍ରାଏଲ ଏବଂ ଲେବାନନ ମଧ୍ୟରେ ଯୁଦ୍ଧବିରତି ଆଉ ତିନି ସପ୍ତାହ ବୃଦ୍ଧି କରାଯିବା ନେଇ ଶ୍ରୀ ଟ୍ରମ୍ପ୍ ଘୋଷଣା କରିଛନ୍ତି । ଗତକାଲି ଓଭାଲ ଅଫିସରେ ଇସ୍ରାଏଲ ଏବଂ ଲେବାନନର ଉଚ୍ଚପଦସ୍ଥ ପ୍ରତିନିଧିମାନଙ୍କ ସହ ଉପରାଷ୍ଟ୍ରପତି ଜେଡି ଭାନ୍ସ, ବୈଦେଶିକ ସଚିବ ମାର୍କୋ ରୁବିଓ ଏବଂ ଅନ୍ୟାନ୍ୟ ଆମେରିକୀୟ ଅଧିକାରୀମାନେ ଆଲୋଚନା କରିବା ପରେ  ଏହି ଘୋଷଣା କରାଯାଇଛି।

## ଇରାନୀ ଆମ୍ବାସି ଆଡ୍‌ଭାଇଜ୍

ତେହେରାନରେ ଥିବା ଭାରତୀୟ ଦୂତାବାସ, ଭାରତୀୟ ନାଗରିକମାନଙ୍କୁ ବିମାନ କିମ୍ବା ସ୍ଥଳପଥରେ ଇରାନ ଯାତ୍ରା ନ କରିବାକୁ ପରାମର୍ଶ ଦେଇଛି। ଦୂତାବାସର ସୂଚନା ଅନୁଯାୟୀ ଆଞ୍ଚଳିକ ଉତ୍ତେଜନା ଯୋଗୁଁ ଆକାଶ ମାର୍ଗ ପ୍ରତିବନ୍ଧକ ଏବଂ ପରିଚାଳନାଗତ ଅନିଶ୍ଚିତତା ଯୋଗୁଁ ଇରାନକୁ ଏବଂ ସେଠାରୁ ଅନ୍ତର୍ଜାତୀୟ ବିମାନ ଚଳାଚଳକୁ ପ୍ରଭାବିତ ହୋଇଛି। ଏବେ ଇରାନରେ ଥିବା ସମସ୍ତ ଭାରତୀୟ ନାଗରିକ ଦୂତାବାସ ସହିତ ସମନ୍ୱୟ ରଖି ନିର୍ଦ୍ଧାରିତ ସ୍ଥଳ ସୀମା ମାର୍ଗ ଦେଇ ଦେଶ ଛାଡିବା ଉଚିତ ବୋଲି ପରାମର୍ଶରେ କୁହାଯାଇଛି ।

## ନ୍ୟାସନାଲ୍-ପଞ୍ଚାୟତରାଜ ଡେ

ସାରା ଦେଶର ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ସାମ୍ବିଧାନିକ ମାନ୍ୟତା ଏବଂ ଆଇନଗତ ସ୍ୱୀକୃତି ପ୍ରଦାନ କରିଥିବା ଐତିହାସିକ ୭୩ତମ ସାମ୍ବିଧାନିକ ସଂଶୋଧନ ଆଇନ ପ୍ରଣୟନକୁ ସ୍ମରଣ ପୂର୍ବକ ଆଜି ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଛି । କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଆଜି ନୂଆଦିଲ୍ଲୀରେ ମୁଖ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ – କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାର୍ତ୍ତା ପାଠ କରାଯିବ। ପ୍ରଧାନମନ୍ତ୍ରୀଙ୍କ

ବାର୍ତ୍ତା ସାରା ଦେଶର ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ଗ୍ରାମୀଣ ସ୍ଥାନୀୟ ସଂସ୍ଥାର ନିର୍ବାଚିତ ପ୍ରତିନିଧି ଏବଂ କର୍ମକର୍ତ୍ତାଙ୍କ ମଧ୍ୟରେ ପ୍ରସାରିତ କରିବା ପାଇଁ ବ୍ୟବସ୍ଥା କରାଯାଇଛି । ଏହି ଜାତୀୟ କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍ ପି ସିଂହ ବାଘେଲଙ୍କ ସହିତ ସଚିବ ଏବଂ ମନ୍ତ୍ରଣାଳୟର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେବେ। ମନ୍ତ୍ରଣାଳୟ କହିଛି ଯେ ଏହି ଅବସରରେ, ପଞ୍ଚାୟତ ଉନ୍ନତି ସୂଚକାଙ୍କ ଉପରେ ଏକ ରିପୋର୍ଟ ଏବଂ ମେରୀ ପଞ୍ଚାୟତ ମେରୀ ଧରୋହର ଉପରେ ତିନୋଟି ପୁସ୍ତକ ଉନ୍ମୋଚନ ହେବ।

## ବିହାର – ଟ୍ରଷ୍ଟ ଭୋଟ୍

ବିହାର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଆଜି ଏକ ସ୍ୱତନ୍ତ୍ର ଦିନିକିଆ ବିଧାନସଭା ଅଧିବେଶନରେ ଆସ୍ଥା ଭୋଟ ଲୋଡ଼ିବେ । ବିଧାନସଭା ସଚିବାଳୟ ଦ୍ୱାରା ଜାରି ବିଜ୍ଞପ୍ତି ଅନୁଯାୟୀ, ଏହି ସ୍ୱତନ୍ତ୍ର ଅଧିବେଶନ ସକାଳ ୧୧ଟାରେ ଆରମ୍ଭ ହେବ ଓ ମୁଖ୍ୟମନ୍ତ୍ରୀ ବିଶ୍ୱାସ ପ୍ରସ୍ତାବ ଆଗତ କରିବେ।

ସମସ୍ତ ରାଜନୈତିକ ଦଳ ସେମାନଙ୍କ  ବିଧାୟକମାନଙ୍କୁ ଉପସ୍ଥିତ ରହିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ସମ୍ରାଟ ଚୌଧୁରୀ ଏପ୍ରିଲ ୧୫ ତାରିଖରେ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଥିଲେ ।

୨୪୩ ସଦସ୍ୟ ବିଶିଷ୍ଟ ବିହାର ବିଧାନସଭାରେ, ବାଙ୍କିପୁର ବିଧାୟକ ନୀତିନ ନବିନଙ୍କ ଇସ୍ତଫା ପରେ ଶାସକ ଏନ୍.ଡି.ଏ ମେଣ୍ଟର ସଂଖ୍ୟା ୨୦୧ ରହିଛି । ଆସ୍ଥା ଭୋଟରେ ବିଜୟ ଲାଭ କରିବା ପାଇଁ ୧୨୨ ଖଣ୍ଡ ଭୋଟ୍ ଆବଶ୍ୟକ ।

## ସୀତାରମଣ – ବ୍ୟାଙ୍କ୍ ରିଭ୍ୟୁ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଅନୁସୂଚିତ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ସହିତ ଏକ ଉଚ୍ଚସ୍ତରୀୟ ବୈଠକର ଅଧ୍ୟକ୍ଷତା କରିଛନ୍ତି । ବୈଠକରେ କୃତ୍ରିମ ବୁଦ୍ଧିମତା ମଡେଲର ସାମ୍ପ୍ରତିକ ବିକାଶ ସହିତ ଜଡିତ ବିପଦର ସମ୍ଭାବ୍ୟ ପ୍ରଭାବ ମୂଲ୍ୟାଙ୍କନ କରାଯାଇଛି । ବୈଠକରେ ଶ୍ରୀମତୀ ସୀତାରମଣ କହିଛନ୍ତି, ଆର୍ଥିକ ପ୍ରତିଷ୍ଠାନ ଏବଂ ବ୍ୟାଙ୍କଗୁଡ଼ିକ ମଧ୍ୟରେ ଉଚ୍ଚସ୍ତରୀୟ ସତର୍କତା, ପ୍ରସ୍ତୁତି ଏବଂ ଉତ୍ତମ ସମନ୍ୱୟର ଆବଶ୍ୟକତା ରହିଛି । ସକ୍ରିୟ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି, ସେ ବ୍ୟାଙ୍କଗୁଡ଼ିକୁ ସେମାନଙ୍କର ଆଇଟି ସିଷ୍ଟମକୁ ସୁରକ୍ଷିତ କରିବା, ଗ୍ରାହକଙ୍କ ତଥ୍ୟକୁ ସୁରକ୍ଷିତ କରିବା ଏବଂ ଆର୍ଥିକ ସମ୍ବଳକୁ ସୁରକ୍ଷିତ ରଖିବା ପାଇଁ ସମସ୍ତ ଆବଶ୍ୟକୀୟ ପ୍ରାକ୍-ପ୍ରତିରୋଧୀ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଛନ୍ତି ।

## ୟୁଏନ୍‌ଜିଏ ପ୍ରେସିଡେଣ୍ଟ–ଇଣ୍ଡିଆ ଭିଜିଟ୍

ଜାତିସଂଘ ସାଧାରଣ ପରିଷଦର ଅଧ୍ୟକ୍ଷା ଆନାଲେନା ବେର୍‌ବକ୍ ଆସନ୍ତା ସପ୍ତାହରେ ଭାରତ ଗସ୍ତରେ ଆସିବେ । ଗସ୍ତ କାଳରେ ସେ ସରକାରୀ ଅଧିକାରୀଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଜାତିସଂଘ ସାଧାରଣ ପରିଷଦ ଅଧ୍ୟକ୍ଷାଙ୍କ ମୁଖପାତ୍ର କହିଛନ୍ତି, ପରିଷଦର ୮୦ତମ ଅଧିବେଶନର ଅଧ୍ୟକ୍ଷା ବେର୍‌ବକ୍ ଭାରତ ଏବଂ ଚୀନ୍ ସରକାରଙ୍କ ନିମନ୍ତ୍ରଣ ପରେ ଉଭୟ ଦେଶ ଗସ୍ତ କରିବେ । ଜାତିସଂଘ ସାଧାରଣ ପରିଷଦର ଅଧ୍ୟକ୍ଷ ଭାବେ ଏହା ତାଙ୍କର ପ୍ରଥମ ଭାରତ ଗସ୍ତ ହେବ । ପୂର୍ବରୁ ଜର୍ମାନର ବୈଦେଶିକ ମନ୍ତ୍ରୀ ଭାବରେ ଏବଂ ନୂଆଦିଲ୍ଲୀରେ ଏ.ଆଇ. ପ୍ରଭାବ ସମ୍ମିଳନୀରେ ଯୋଗ ଦେବା ପାଇଁ ସେ ଭାରତ ଆସିଥିଲେ ।

## ମଷ୍ଟ ଆନାଉନ୍ସମେଣ୍ଟ– ପଦ୍ମ

'ଆକାଶବାଣୀରେ ଲୋକଙ୍କ ପଦ୍ମ' ଶୀର୍ଷକ ଧାରାବାହିକରେ ଆଜି ମହାରାଷ୍ଟ୍ରର ଶ୍ରୀ ଭିକ୍‌ଲ୍ୟା ଲଡ୍‌କ୍ୟା ଧିଣ୍ଡାଙ୍କ ସାକ୍ଷାତ ଆଲୋଚନା ପ୍ରସାରଣ କରାଯିବ । ଯନ୍ତ୍ର ସଂଗୀତ ତର୍ପା ବାଦ୍ୟଯନ୍ତ୍ର ବାଦନ କ୍ଷେତ୍ରରେ ଉତ୍କର୍ଷ

ପ୍ରତିପାଦନ ପାଇଁ ମହାରାଷ୍ଟ୍ରର ବିଶିଷ୍ଟ କଳାକାର ଶ୍ରୀ ଧିଣ୍ଡାଙ୍କୁ ପଦ୍ମଶ୍ରୀରେ ସମ୍ମାନିତ କରାଯିବ।

ଏହି ବାର୍ତ୍ତାଳାପ ଆଜି ସକାଳ ୯ଟା ୧୦ ମିନିଟ୍‌ରେ ୧୦୦ ଦଶମିକ୍ ୧ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍‌ରେ ପ୍ରସାରଣ କରାଯିବ । ଏହି କାର୍ଯ୍ୟକ୍ରମ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ଅଫିସିଆଲ୍ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଉପଲବ୍ଧ ହେବ ।

## ଏମ୍‌ଇଏ-ସୋସିଆଲ୍ ମିଡିଆ ଇଣ୍ଡିଆନ୍ସ

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଭାରତୀୟଙ୍କ ବିଷୟରେ ଦିଆଯାଇଥିବା ମନ୍ତବ୍ୟ ଅନୁପଯୁକ୍ତ ଏବଂ ନିନ୍ଦନୀୟ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି । ସେ କହିଛନ୍ତି, ଏହି ମନ୍ତବ୍ୟ ଭାରତ-ଆମେରିକା ସମ୍ପର୍କର ବାସ୍ତବତାକୁ ପ୍ରତିଫଳିତ କରେ ନାହିଁ ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ପଡକାଷ୍ଟର ଚାରି ପୃଷ୍ଠାର ଲିଖିତ ସ୍କ୍ରିପ୍ଟ ସେୟାର କରିଥିଲେ ଯେଉଁଥିରେ ଭାରତୀୟଙ୍କ ଉପରେ ଅପମାନଜନକ ମନ୍ତବ୍ୟ ଥିଲା ।

# କୋଲ୍ ମିନିଷ୍ଟ୍ରି ସ୍କିମ୍

ଭାରତ କୋକିଂ କୋଲ୍ ଲିମିଟେଡ୍ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ପାଇଁ କାର୍ଯ୍ୟଦକ୍ଷତା ପ୍ରୋତ୍ସାହନ ଏବଂ ବିଦ୍ୟୁତ୍ କ୍ଷେତ୍ରର ଗ୍ରାହକମାନଙ୍କୁ ନଗଦ ରିହାତି ପ୍ରଦାନ କରୁଥିବା ନେଇ ଘୋଷଣା କରିଛି। କୋଇଲା ମନ୍ତ୍ରଣାଳୟର ସୂଚନା ଅନୁଯାୟୀ,  ଏହି ଯୋଜନା ଫ୍ଲେକ୍ସି-ଲିଙ୍କେଜ୍ ଯୋଜନା ଅଧୀନରେ ଥିବା ଇନ୍ଧନ ଯୋଗାଣ ଚୁକ୍ତିନାମା କ୍ଷେତ୍ରରେ ସମସ୍ତ ଯୋଗ୍ୟ ବିଦ୍ୟୁତ୍ ଗ୍ରାହକଙ୍କ ପାଇଁ ପ୍ରଯୁଜ୍ୟ। ସୂଚନା ଅନୁଯାୟୀ, ତ୍ରୈମାସିକ ପରିମାଣର ୧୨୦ ପ୍ରତିଶତରୁ କମ୍ କୋଇଲା ଉତ୍ତୋଳନ ପାଇଁ ଏହି ଯୋଜନା ଅଧୀନରେ କାର୍ଯ୍ୟ ଦକ୍ଷତା ପ୍ରୋତ୍ସାହନ ପୂର୍ବ ବ୍ୟବସ୍ଥା ଅନୁଯାୟୀ କଞ୍ଚା କୋଇଲା ଉପରେ ପ୍ରଯୁଜ୍ୟ ହେବ । ଅଧିକ କୋଇଲା ଉତ୍ତୋଳନକୁ ପ୍ରୋତ୍ସାହନ ଦେବା, ପରିବହନ ବ୍ୟବସ୍ଥାର ଉନ୍ନତି କରଣ ଏବଂ ବିଦ୍ୟୁତ୍ କ୍ଷେତ୍ରକୁ ରିହାତି ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ।

# ଆଇପିଏଲ୍

ଆଇପିଏଲ କ୍ରିକେଟରେ, ଗତକାଲି ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗସ୍ ୧୦୩ ରନରେ

ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ବିଜୟ ପାଇଁ ୨୦୮ ରନର ପିଛା କରି ମୁମ୍ବାଇ ଇଣ୍ଡିଆନ୍ସ ୧୯ ଓଭରରେ ମାତ୍ର ୧୦୪ ରନରେ ଅଲଆଉଟ୍ ହୋଇଯାଇଥିଲା। ପ୍ରଥମେ ବ୍ୟାଟିଂ କରି  ଚେନ୍ନାଇ ସୁପର କିଙ୍ଗସ୍ ନିର୍ଦ୍ଧାରିତ ୨୦ ଓଭରରେ ୬ ଓ୍ୱିକେଟରେ ୨୦୭ ରନ ସ୍କୋର କରିଥିଲା। ସଞ୍ଜୁ ସାମସନଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।

ଆଜି ସନ୍ଧ୍ୟା ୭.୩୦ ରେ ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଗୁଜୁରାଟ ଟାଇଟାନ୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।